| | |
|---|---|
| ମୂଳା: | ପୁଷା ଚେତକୀ, ପୁଷା ରଶ୍ମୀ, ପୁଷା ହିମାନୀ, ଜାପାନିଜ ହ୍ୱାଇଟ୍ |
| ସତନା: | ପିକେଏମ୍- ୨ |
| ଗାଜର: | ପୁଷା କେଶର, ଇମ୍ପେରେଟର୍ |
| ଶାଗ: | ଦେଶୀ କିସମ |
| ଲେମ୍ବୁ: | କାଗଜ, କାଗଜ ଲାଇମ୍ |
| ପାଚିଲାକଦଳୀ: | ରୋବୁଷ୍ଟା, ଡ୍ୱାର୍ଫ କ୍ୟାଭେଣ୍ଡିସ୍, ଗ୍ରାଣ୍ଡ ନାଇନେ୍ |
| କଞ୍ଚାକଦଳୀ: | ବନ୍ତଳ, ଦକ୍ଷିଣୀ, ନେନ୍ଦ୍ରାନ୍ |
| ଅମୃତଭଣ୍ଡା: | ପୁଷା ନହ୍ନା, ପୁଷା ଡ୍ୱାର୍ଫ, ପୁଷା ମେଜେଷ୍ଟଇ, ଗୁର୍ଗ ୧ , ସିଓ- ୧ , ସିଓ- ୨ , ରାଓ୍ୱଡ୍ୱାର୍ଫ |

## ଜମି ପ୍ରସ୍ତୁତି:

ପ୍ରଥମେ ବଗିଚା କରିବାକୁ ହେଲେ ଲୁହା ଲଙ୍ଗଳରେ ଭଲ ଭାବରେ ଚାଷ କରି ଜମିକୁ ଆବଶ୍ୟକ ଅନୁସାରେ ପଟାଳିରେ ବିଭକ୍ତ କରିବାକୁ ପଡ଼ିଥାଏ । ଜମିରେ ଫସଲ ଶେଷ ହେବର ଏକ ମାସ ପୂର୍ବରୁ ତଳି ପକାଇବାକୁ ହେବ । କେତକେ ମଞ୍ଜି ସିଧାସଳଖ ଜମିରେ ଲଗାଯାଏ ସୁସ୍ଥ ସବଳ ଓ ନୀରୋଗ ତଳି ପାଇଁ ଆମକୁ କେତେ ଗୁଡ଼ିଏ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

## ତଳି ପ୍ରସ୍ତୁତି:

ଆମକୁ ବର୍ଷକୁ ତିନିଥର ତଳି ପକାଇବାକୁ ପଡ଼ିବ । ଯଥା ବର୍ଷାଦିନେ, ଶୀତଦିନେ ଓ ଖରାଦିନେ । ତଳି ଘେରା ପ୍ରସ୍ତୁତ ପୂର୍ବରୁ ମାଟିକୁ ପ୍ରଥମେ ହାଣି ଗୁଣ୍ଡ କରିଦେବା ଆବଶ୍ୟକ । ତଳି ପକାଇବା ପୂର୍ବରୁ ମାଟିକୁ ଶୁଖିଲା କୁଟାକାଠି ପକାଇ ଭଲ ଭାବରେ ପୋଡ଼ିଦେବା । ଫଳରେ ମାଟିରେ ଥିବା ରୋଗଜୀବାଣୁ ଗୁଡିକ ମରିଯିବେ । ମଞ୍ଜି ସହିତ ଆବଶ୍ୟକ ପରିମାଣର କ୍ୟାପଟାନ କିମ୍ୱା ଥିରାମ କିମ୍ୱା ବାଭିଷ୍ଟିନ୍ ଗୋଳାଇବା ପରେ ଧାଡ଼ିରେ ଏକ ଇଞ୍ଚ ବ୍ୟବଧାନରେ ମଞ୍ଜିକୁ ଗୋଟି ଗୋଟି କରି ଅଳ୍ପ ଗଭୀରରେ ବୁଣିବା । ତା'ପରେ ମାଟି ଘୋଡ଼ାଇଦେବା ଉଚିତ୍ । ପିମ୍ପୁଡି ନ ଲାଗିବା ପାଇଁ ତଳିଘେରା ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ବୁଣିଦେବା ଦରକାର ।

## ଖତ ଓ ସାର ପ୍ରୟୋଗ:

ବଗିଚାର ପ୍ରତି ପଟାଳିରେ ଯଥେଷ୍ଟ ପରିମାଣରେ ଖତ ପ୍ରୟୋଗ କରିବା ଉଚିତ୍ ଖତ ଛଡା ସାର ମଧ୍ୟ ଦେବାକୁ ପଡ଼ିଥାଏ । ସାର ସାଧାରଣତଃ ଯବକ୍ଷାରଜାନ, ଫସଫରସ ଏବଂ ପଟାସ୍ । ପ୍ରଚୁର ପରିମାଣରେ ଜୈବିକ ବା କମ୍ପୋଷ୍ଟ ଖତ ଦେଲେ ଅମଳ ଭଲ ହୁଏ । ବିଭିନ୍ନ ଫସଲ ପାଇଁ ରାସାୟନିକ ସାର ଗୁଡିକ ବିଭିନ୍ନ ସମୟରେ ଦେବାକୁ ହୋଇଥାଏ । ସମୁଦାର ସୁପର ଓ ପଟାସ ସାରକୁ ମଞ୍ଜି ବୁଣିବା କିମ୍ୱା ତଳି ରୋଇବା ସମୟରେ ପ୍ରୟୋଗ କରିବା ଆବଶ୍ୟକ ।

ପାକଶାଳା ବଗିଚାରେ ରୋଗ ଓ ପୋକ ନିୟନ୍ତ୍ରଣ:

ପ୍ରଥମରୁ ବିହନ ବିଶୋଧନ କରିଥିଲେ ରୋଗ ଲାଗିବାର ସମ୍ଭାବନା କମଥାଏ । ରୋଗ ଓ ପୋକ ଦେଖାଗଲେ ସେଗୁଡିକ ନିୟନ୍ତ୍ରଣ ପାଇଁ ଭିନ୍ନ ଭିନ୍ନ ଔଷଧ ଦରକାର ପଡ଼ିଥାଏ । ରୋଗ ଓ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ ବଦଳରେ ଆଜିକାଲି ମିଳୁଥିବା ବିଭିନ୍ନ ପ୍ରକାରର ନିମ୍ବଜାତ କୀଟ ଓ ରୋଗନାଶକ ଔଷଧ ବ୍ୟବହାର କରିବା ଉଚିତ୍ । ଏହା ଦ୍ୱାରା ଆମର ପରିବେଶର ସୁରକ୍ଷା ହୋଇପାରିବ ।

2025030499

# ପାକଶାଳା ବଗିଚା



ସଂପାଦନା

ଡଃ. ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ

ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ସମରେନ୍ଦ୍ର ବରାଳ, ଶ୍ରୀମତୀ ଅନୁଭା କୁଜୁର୍

କମ୍ପ୍ୟୁଟର ସହାୟତା: ଶ୍ରୀ ସୋମଦତ୍ତ ମହାନ୍ତି

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା, ସୁନ୍ଦରଗଡ଼-୨
ହକିଛକ, ପାନପୋଷ, ରାଉରକେଲା- ୭୬୯୦୦୪, ଫୋନ: ୦୬୬୧-୨୯୧୦୨୩୪

E-mail: kvksundargarh2.ouat@gmail.com, www.kvksundargarh2.org

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପୁଷ୍ଟି ନିରାପତ୍ତା ପାଇଁ ପୁଷ୍ଟି ସାଧନ ବଗିଚା

ଶରୀରକୁ ସୁସ୍ଥ ସବଳ ଓ ନିରୋଗ ରଖିବା ପାଇଁ ସୁଷମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଡାକ୍ତରଙ୍କ ଅନୁସାରେ ଜଣେ ବୟସ୍କ ଲୋକ ଦିନକୁ ୨୭୫ ଗ୍ରାମର ଫଳ ଏବଂ ପନିପରିବା ଦରକାର କରିଥାଏ । କିନ୍ତୁ ଆମ ରାଜ୍ୟରେ ପନିପରିବା ଉତ୍ପାଦନ ଅଧିକ ଥିବାରୁ ଏବଂ ଆମର ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତାର ଅଭାବ ହେତୁ ବଜାରରୁ ଉପଯୁକ୍ତ ମାତ୍ରାର ପନିପରିବା କିଣି ଖାଇବା ସମ୍ଭବପର ହୁଏ ନାହିଁ । ପନିପରିବାରେ ପ୍ରଚୁର ପରିମାଣରେ ଖାଦ୍ୟପ୍ରାଣ ଓ ଧାତବ ଲବଣ ରହିଥାଏ । ଏହା ଆମ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ କବଳରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯଦି ଆମ ଘର ପାଖରେ କିଛି ଜମି ଅଛି, ତେବେ ସେଇ ଜମିରେ ଆମେ ଯୋଜନାବଦ୍ଧ ଭାବେ କିଛି ପନିପରିବା ଚାଷ କରି ସେଥିରୁ ବର୍ଷସାରା ତଟକା ପନିପରିବା ପାଇବା ସଙ୍ଗେ ସଙ୍ଗେ ପୁଷ୍ଟିଯୁକ୍ତ ଖାଦ୍ୟ ଯଥା ପୁଷ୍ଟିସାର, ଭିଟାମିନ୍ ପାଇପାରିବା । ଏହିପରି ବଗିଚାକୁ ପୁଷ୍ଟି ସାଧନ ବଗିଚା କୁହାଯାଇଥାଏ ।

## ଚାଷ ପ୍ରଣାଳୀରେ କେତୋଟି ନିୟମ:

- ପୁଷ୍ଟି ସାଧନ ବଗିଚାକୁ ପ୍ରଚୁର ପରିମାଣରେ ସୂର୍ଯ୍ୟାଲୋକ ମିଳିବା ପାଇଁ ସାଧାରଣତଃ ଘରର ଦକ୍ଷିଣ ପୂର୍ବ ଦିଗରେ ଏହା ହେବା ସବୁଠାରୁ ଉପଯୁକ୍ତ ।
- ସବୁବେଳେ ବଡ଼ ବଡ଼ ଗଛ ଯଥା- ଲେମ୍ବୁ, ଅମୃତଭଣ୍ଡା, ପିଜୁଳି, ସଜନାଶାଗ, କଦଳୀ ଭୃସୁଙ୍ଗା ପତ୍ର ଇତ୍ୟାଦି ଉତ୍ତର ପଶ୍ଚିମ ଦିଗରେ ଲଗାଇବା ଉଚିତ । ସାଧାରଣତଃ ବଗିଚାରେ ପାଣି ସୁବିଧା ଥିବା ଦରକାର ।
- ସାଧାରଣତଃ ପାକଶାଳା ବଗିଚାଟି ଘରର ପଛ ପାଖରେ କରାଗଲେ ରୋଷେଇ ଗାଧୁଆ ଘରର ପାଣି ବଗିଚାରେ ସହଜରେ ବ୍ୟବହାର କରାଯାଇପାରେ ।
- ବର୍ଗାକାର କ୍ଷେତ୍ର ଅପେକ୍ଷା ଆୟତାକାର କ୍ଷେତ୍ର ବିଶିଷ୍ଟ ହେଲେ ଭଲ ।
- ସମସ୍ତ ଜମିକୁ ଛୋଟ ଛୋଟ କିଆରୀରେ ବିଭକ୍ତ କରାଯାଏ ।
- ବଗିଚାରେ ଗୋଟିଏ କୋଣରେ ଗୋଟିଏ କିମ୍ବା ଦୁଇଟି କମ୍ପୋଷ୍ଟ ଖତ ରହିବା ଦରକାର ।
- ସେଥିରେ ଘରର ବର୍ଜ୍ୟବସ୍ତୁ ସବୁ ପକାଇଥାଏ ଏବଂ ଏହା ମୃତ୍ତିକାରେ ଖତ ରୂପେ ବ୍ୟବହାର କରାଯାଏ ।
- ଲତା ଯାତୀୟ ପନିପରିବା ଯଥା କଖାରୁ, ଶିମ୍ବ, ବିନ, କଲରା ଏବଂ କାକୁଡି ଇତ୍ୟାଦିକୁ ବଗିଚାର ଚାରିପାଖରେ ବାଡରେ ମଡ଼ାଇ ଦିଆଯାଇ ପାରିବ ।
- ଦୁଇଟି ପଟାଳି ମଧ୍ୟରେ ଜଳସେଚନର ସୁବିଧା ରହିବା ଆବଶ୍ୟକ ।
- ଉନ୍ନତ କିସମ ଓ ବିଶୋଧିତ ବିହନ ବ୍ୟବହାର କରାଯିବା ଉଚିତ୍ ।
- ରୋଗ ଓ ପୋକ ନିରାକରଣ ବ୍ୟବସ୍ଥା ନିତ୍ୟାନ୍ତ ଜରୁରୀ ।
- ବଗିଚାରେ ଯିବା ଆସିବା କରିବା ପାଇଁ ଦୁଇଫୁଟ୍ ଚଉଡାରେ ରାସ୍ତାଟିଏ ରହିବା ଦରକାର ।

## ପାକଶାଳା ବଗିଚା ପାଇଁ ଫସଲ ପର୍ଯ୍ୟାୟ

| | |
|---|---|
| ପଟାଳି-୧ | ବାଇଗଣ (ମାର୍ଚ୍ଚ-ମଇ), ଶାଗ (ମାର୍ଚ୍ଚ-ମଇ) |
| ପଟାଳି-୨ | ଝୁଡୁଙ୍ଗ (ଜୁନ-ସେପ୍ଟେମ୍ବର), ବନ୍ଧାକୋବି (ଅକ୍ଟୋବର-ଫେବୃୟାରୀ), କଲରା (ମାର୍ଚ୍ଚ-ମଇ) |
| ପଟାଳି-୩ | ଟମାଟୋ (ଜୁଲାଇ-ନଭେମ୍ବର), ଶିମ୍ବ (ଡିସେମ୍ବର-ଫେବୃୟାରୀ), ଲେଉଟିଆ (ମାର୍ଚ୍ଚ-ଜୁନ) |
| ପଟାଳି-୪ | କାକୁଡି (ଜୁନ-ଅକ୍ଟୋବର), ଗାଜର (ନଭେମ୍ବର-ଡିସେମ୍ବର), ଲଙ୍କା (ଫେବୃୟାରୀ-ମଇ) |
| ପଟାଳି-୫ | କଖାରୁ (ମଇ-ସେପ୍ଟେମ୍ବର), ଫୁଲକୋବି (ଅକ୍ଟୋବର-ଜାନୁୟାରୀ), କଲରା (ଫେବୃୟାରୀ-ମଇ) |
| ପଟାଳି-୬ | ଭେଣ୍ଡି (ମଇ-ସେପ୍ଟେମ୍ବର), ମଟର (ଅକ୍ଟୋବର-ଫେବୃୟାରୀ), ଶାଗ (ମାର୍ଚ୍ଚ-ମଇ) |
| ପଟାଳି-୭ | ତରଭୁଜ (ମାର୍ଚ୍ଚ-ମଇ), କାପ୍ସିକମ୍ (ଜୁନ୍-ଅକ୍ଟୋବର), ଶାଗ (ମାର୍ଚ୍ଚ-ମଇ) |
| ପଟାଳି-୮ | ବାଇଗଣ (ଜୁନ-ସେପ୍ଟେମ୍ବର), ମୂଳା (ଅକ୍ଟୋବର-ଫେବୃୟାରୀ), ଶାଗ (ମାର୍ଚ୍ଚ-ମଇ) |
| ପଟାଳି-୯ | ବୋଇତି କଖାରୁ (ଏପ୍ରିଲ-ଅଗଷ୍ଟ), ଗୁଆଁର (ସେପ୍ଟେମ୍ବର-ଡିସେମ୍ବର), ଝୁଡୁଙ୍ଗ (ଜାନୁୟାରୀ-ମାର୍ଚ୍ଚ) |
| ପଟାଳି-୧୦ | ଅଦା (ମାର୍ଚ୍ଚ-ମଇ), ଝୁଡୁଙ୍ଗ (ଜୁନ-ସେପ୍ଟେମ୍ବର), ଆଳୁ (ନଭେମ୍ବର-ଫେବୃୟାରୀ) |
| ପଟାଳି-୧୧ | ବାଇଗଣ (ଜୁନ-ସେପ୍ଟେମ୍ବର), ମଟର (ଅକ୍ଟୋବର-ଡିସେମ୍ବର) |
| ପଟାଳି-୧୨ | ଭେଣ୍ଡି (ଜୁନ-ସେପ୍ଟେମ୍ବର), ପିଆଜ (ଅକ୍ଟୋବର-ଜାନୁୟାରୀ), ଲଙ୍କା (ଫେବୃୟାରୀ-ମଇ) |

### ପାକଶାଳା ବଗିଚାର ନମୁନା (୨୦ ଘଂ ୧୦ ମିଟର)




## ପୁଷ୍ଟି ସାଧନ ବଗିଚା ପାଇଁ ବିହନ କିସମ:

| ଫସଲ | କିସମ |
|---|---|
| ଆଳୁ: | କୁଫ୍ରି ଚନ୍ଦ୍ରମୁଖୀ, କୁଫ୍ରି ଜ୍ୟୋତି, କୁଫ୍ରି ବାଦଶାହା, କୁଫ୍ରି ସିନ୍ଦୂରୀ |
| ବାଇଗଣ: | ଉତ୍କଳ ତାରିଣୀ, ବ୍ଲୁଷ୍ଟାର, ଗ୍ରୀନ୍ଷ୍ଟାର, ପୁଷା ପରପଲ୍ କ୍ଲଷ୍ଟର, ଅର୍କ ନିଧି |
| ଟମାଟୋ: | ଉତ୍କଳ ଦିପ୍ତୀ, ଉତ୍କଳ କୁମାରୀ, ଉତ୍କଳ ଉର୍ବଶୀ, ଉତ୍କଳ ରାଜା, ଉତ୍କଳ ପ୍ରଜ୍ଞା, ଶକ୍ତି, ଅର୍କ ସୌରଭ, ଅର୍କ ବିକାଶ, ପୁଷା ଉପହାର, ହିସାର ଅରୁଣ, ପଞ୍ଜାବ ଛୁଆରା । |
| ଲଙ୍କା: | ଉତ୍କଳ ଆଭା, ଉତ୍କଳ ରଶ୍ମୀ, ଅର୍କ ଲୋହିତ, କେ-୨, ଲାମ୍ ଏକ୍ସ-୨୩୫, ପନ୍ତ-ସି-୧, ଜବାହର ମିରଚ୍-୨୮୩ |
| ଭେଣ୍ଡି: | ଉତ୍କଳ ଗୌରବ, ପରବାଣୀ କ୍ରାନ୍ତି, ଅର୍କ ଅନାମିକା, ସିଲେକସନ୍-୭, ବର୍ଷା ଉପହାର, ଭିଆରଓ-୩, ଭିଆରଓ-୬, ଅର୍କା ଅଭୟ |
| ଫୁଲକୋବି: | ପୁଷା ଅର୍ଲି କୁଆଁରୀ, ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ସିନ୍ଥେଟିକ୍, ପୁଷା ସ୍ନୋବଲ-୧୬, ପୁଷା ସ୍ନୋବଲ-କେ-୧, ଏମେଜିଙ୍ଗ୍, ହ୍ୱାଇଟ୍ଫ୍ଲାଶ୍, ହ୍ୱାଇଟ୍ କଣ୍ଡେସା |
| ବନ୍ଧାକୋବି: | ଗୋଲଡ଼େନ୍ ଏକର, ପୁଷା ମୁକ୍ତା, ପ୍ରାଇଡ୍ ଅଫ ଇଣ୍ଡିଆ, ଶ୍ରୀ ଗଣେଶ ଗୋଲ (ହାଇବ୍ରିଡ୍), ହାଇବ୍ରିଡ୍-୧୩୯ |
| ଉଲକୋବି: | ଅର୍ଲି ଭିଏନା, ପରପଲଭିଏନା, ଅର୍ଲି ହ୍ୱାଇଟ୍ |
| ପିଆଜ: | ପୁଷା ରେଡ଼୍, ଏନ-୫୩, ଆଗ୍ରିଫାଉଣ୍ଡ ଡ଼ାର୍କରେଡ଼୍, ଭିମା ସୁପର |
| ଝୁଡ଼ଙ୍ଗ: | ଉତ୍କଳ ମାଣିକ, ପୁଷା ବରସାତ, ଅର୍କ ଗାରିମା, ସିଲେକସନ-୨୬୩, ପୁଷା ଦୋ ଫସଲି |
| ଶିମ୍ବ: | ପୁଷା ଅର୍ଲି ପ୍ରଲିଫିକ୍ |
| ମଟର: | ଅର୍କେଲ, ବୋନେଭିଲେ, ଆଜାଦ-ପି-୩, ଜବାହାର-୧, ୨, ୩, ଅର୍କ ଅଜିତ୍ |
| ବିନସ୍: | ଅର୍କ କୋମଲ୍, ପନ୍ଥ ଅନୁପମ୍, ଅର୍କ ସୁବିଧା, କଣ୍ଡେଡ଼ର୍ |
| ଗୁଆଁର: | ପୁଷା ନୌବାହାର, ପୁଷା ସଦାବାହାର |
| କଖାରୁ: | ଅର୍କ ସୂର୍ଯ୍ୟମୁଖୀ, ଅର୍କ ଚନ୍ଦନ, ପୁଷା ବିଶ୍ୱାସ, ବୈଦ୍ୟବାଟୀ, ଗୁଆମାଲ୍ |
| କଲରା: | କୋଇମ୍ବାଟୁର ଲଙ୍ଗ୍, ପୁଷା ଦୋମୌସୁମୀ, ପ୍ରିୟା, ଅର୍କ ହରିତ୍ |
| ଲାଉ: | ପୁଷା ସମର ପ୍ରିଲିଫିକ୍ ଲଙ୍ଗ୍ ଓ ରାଉଣ୍ଡ, ଅର୍କା ବାହାର, ରାଜେନ୍ଦ୍ର ଚମତ୍କାର |
| କାକୁଡି: | ଜାପାନିଜ୍ ଲଙ୍ଗ ଗ୍ରୀନ୍, ଫଏନସେଟ୍, ଷ୍ଟ୍ରେଟ ହ୍ୱାଇଟ୍ |
| ଜହ୍ନି: | ପୁଷା ଚିକ୍ନି, ପୁଷା ନାସଦାର୍, ଉତ୍କଳ ତୃପ୍ତି |